ଗ୍ରହଣ କରିଛୁଁ, ତାହା ଫଳରେ ଯେତେ ଚେଷ୍ଟା କଲେ ମଧ୍ୟ ନିଅଣ୍ଟିଆ ବଜେଟ କରିବା ଛଡ଼ା ଆମର ଆଉ ଉପାୟ ରହିଲା ନାହିଁ ।

ଗତବର୍ଷ ମାର୍ଚ୍ଚ ମାସରେ ଏ ଗୃହରେ ୧୯୫୩-୫୪ର ବଜେଟ ହିସାବ ଆଗତ କରି ମୁଁ ବୁଝାଇଥିଲି ଯେ, ୧୯୫୨-୫୩ ଶେଷରେ ୨,୩୩,୨୫ ହଜାର ଟଙ୍କା ମୋଟ ଉଦ୍‌ବୃତ୍ତ ରହିବ । ମାର୍ଚ୍ଚ ମାସର ଚୂଡ଼ାନ୍ତ ହିସାବମତେ ୧୯୫୨-୫୩ ଶେଷରେ ମୋଟ ଟ୨,୩୭,୬୦ ହଜାର ମୋଟ ଉଦ୍‌ବୃତ୍ତ ଥିଲା । ଏହା ମଧ୍ୟରୁ ଟ୨୩,୩୪ ହଜାର ରାଜସ୍ୱ ହିସାବରେ ଉଦ୍‌ବୃତ୍ତ ଓ ଟ ୨,୧୩,୨୬ ହଜାର କ୍ୟାପିଟାଲ ହିସାବରେ ଉଦ୍‌ବୃତ୍ତ ହୋଇଥିଲା । ଏଥିରୁ ଦେଖାଯିବ ଯେ ୧୯୫୨-୫୩ର ସଂଶୋଧିତ ବଜେଟ ତୁଳନାରେ ପ୍ରାୟ ୩ ଲକ୍ଷ ଟଙ୍କା ଅଧିକ ବଳିଲା ।

**୧୯୫୩-୫୪ର ସଂଶୋଧିତ ବଜେଟ** :—ସଂଶୋଧିତ ବଜେଟରେ ରାଜସ୍ୱ ବାବଦ ଆୟ ଟ୯,୪୬,୬୧ ହଜାର ଓ ରାଜସ୍ୱ ବାବଦ ଖର୍ଚ୍ଚ ଟ୧୪,୬୭,୭୭ ହଜାର ହେବ ବୋଲି ହିସାବ କରାଯାଇଛି । ତେଣୁ ବର୍ଷର ମୂଳ ବଜେଟରେ ଟ୮,୨୮ ହଜାର ନିଅଣ୍ଟ ହେବ ବୋଲି ଦେଖା ଯାଉଥିବା ସ୍ଥଳେ ସଂଶୋଧିତ ବଜେଟରେ ଟ ୨,୨୦,୧୭ ହଜାର ନିଅଣ୍ଟ ହେବ ବୋଲି ଦେଖାଯାଉଛି । ତେଣୁ ବର୍ଷ ଶେଷରେ ଆଖିର ଜମା ଟ ୧,୬୩,୯୬ ହଜାର ହେବ ବୋଲି ହିସାବ କରାଯାଇଥିବା ସ୍ଥଳେ ତାହା ମୋଟେ ଟ ୫୫,୮୫ ହଜାର ହେବ । ୧୯୫୩-୫୪ର ମୂଳ ବଜେଟରେ ଧରି ନିଆଯାଇଥିଲା ଯେ, ପଞ୍ଚବାର୍ଷିକ ଯୋଜନାରେ ଅନ୍ତର୍ଭୁକ୍ତ ଯୋଜନାଗୁଡ଼ିକ ପାଇଁ କେନ୍ଦ୍ର ସରକାରଙ୍କଠାରୁ ୧୬୫ ଲକ୍ଷ ସାହାଯ୍ୟ ମିଳିବ; କିନ୍ତୁ ୧୯୫୩-୫୪ର ସଂଶୋଧିତ ବଜେଟରେ କେବଳ ବହୁଳ କୃଷି ଯୋଜନାକୁ ଛାଡ଼ି ପଞ୍ଚବାର୍ଷିକ ଯୋଜନାର ଅନ୍ୟ କୌଣସି ଯୋଜନା ପାଇଁ କେନ୍ଦ୍ର ସରକାରଙ୍କଠାରୁ ଆଉ କିଛି ଗ୍ରାଣ୍ଟ ମିଳିବ ବୋଲି ଧରି ଯାଇ ନାହିଁ । କେନ୍ଦ୍ର ସରକାରଙ୍କଠାରୁ ଯାହା ମିଳିବ ବୋଲି ମୂଳ ବଜେଟରେ ଧରି ନିଆଯାଇଥିଲା, ତାହା ମିଳିଲା ନାହିଁ । ରାଜସ୍ୱ ପରିସ୍ଥିତିରେ ଅବନତି ଘଟିବାର ଏହା ହିଁ କାରଣ । ବହୁଳ କୃଷିଯୋଜନା ପାଇଁ ଗ୍ରାଣ୍ଟରୂପେ କେବଳ ୧୬ ଲକ୍ଷ ୫୭ ହଜାର ଟଙ୍କା ମିଳିବ ବୋଲି ସଂଶୋଧିତ ବଜେଟରେ ହିସାବ କରାଯାଇଛି । ଆୟରେ ଏହି ଯେଉଁ ଊଣା ପଡ଼ିଲା, ଅନ୍ୟାନ୍ୟ ବାବଦରେ ଆୟ ବଢ଼ିବା ଦ୍ୱାରା ତାହା କିଛି ପରିମାଣରେ ଭରଣା ହୋଇଯିବ ବୋଲି ଆଶା କରାଯାଉଛି । ମୋଟ ଫଳ ଏହା ହିଁ ହେବ ଯେ ମୂଳ ବଜେଟ ତୁଳନାରେ ସଂଶୋଧିତ ବଜେଟର ରାଜସ୍ୱରେ ଟ ୧,୧୦,୨୮ ହଜାର କମିଯିବ ।

ବ୍ୟୟବିଭାଗରେ ମୂଳ ବଜେଟରେ ଟ ୧୪,୪୫,୬୭ ହଜାର ବ୍ୟବସ୍ଥା କରାଯାଇଥିବା ସ୍ଥଳେ ସଂଶୋଧିତ ବଜେଟରେ ଟ ୧୪,୬୭,୭୭ ହଜାର ରଖାଯାଇଛି । ବ୍ୟବସ୍ଥାସଭାର ସେପ୍‌ଟେମ୍ବର ମାସ ବୈଠକରେ ଟ୮୨ ଲକ୍ଷ ଟଙ୍କା ଅତିରିକ୍ତ ଦାବୀରୂପେ ଗୃହୀତ ହୋଇଥିଲେ ମଧ୍ୟ ବଜେଟର କେତେକ ବାବଦରେ ଯେଉଁ ଟଙ୍କା ବଳିବ, ତାହାର ମୋଟ ପରିମାଣ ପ୍ରାୟ ୬୦ ଲକ୍ଷ ଟଙ୍କା ହୋଇଥିବାରୁ ମୋଟରେ ବ୍ୟୟ ଆଦୌ ଟ ୨୧,୧୦ ହଜାର ବଢ଼ିବାର ସମ୍ଭବ ବୋଧ ହେଉଛି ।

**କ୍ୟାପିଟାଲ ହିସାବ**:—ମୂଳ ବଜେଟରେ କ୍ୟାପିଟାଲ ହିସାବରେ ଆୟ ଟ୪୫,୯୨,୫୨ ହଜାର ଓ ବ୍ୟୟ ଟ ୪୫,୨୨,୯୩ ହଜାର ହୋଇ ଟ୧୯,୫୯ ହଜାର ବଳକା ରହିବ ବୋଲି ହିସାବ କରାଯାଇଥିଲା । ସଂଶୋଧିତ ବଜେଟରେ ରାଜସ୍ୱ ଛଡ଼ା ଅନ୍ୟାନ୍ୟ ହିସାବରୁ ଆୟ ଟ ୪୯,୪୨,୮୦ ହଜାର ଓ ବ୍ୟୟ ଟ ୪୯,୦୩,୩୯, ହୋଇ କ୍ୟାପିଟାଲ ହିସାବରେ ଟ ୩୯,୪୧ ହଜାର ବଳକା ରହିବ ବୋଲି ହିସାବ କରାଯାଇଛି ।

୧୯୫୩-୫୪ ଆରମ୍ଭରେ ଉଭୟ ହିସାବରେ ମୋଟ ଜମା ଟ ୨,୩୭,୬୫ ହଜାର ଥିଲା । ରାଜସ୍ୱ ଓ କ୍ୟାପିଟାଲ ଉଭୟର ଆୟ ବ୍ୟୟକୁ ମିଶାଇ ହିସାବ କରିବା ଫଳରେ ବର୍ଷ ଶେଷରେ ଆଖିର ଜମା ଟ ୫୫,୮୫ ରହିବ ବୋଲି ଆଶା କରାଯାଇଛି ।

## ୧୯୫୪-୫୫ର ବଜେଟ ହିସାବ

ରାଜସ୍ୱ ଆୟ—ଚଳିତ ବର୍ଷର ସଂଶୋଧିତ ବଜେଟରେ ରାଜସ୍ୱ ଆୟ ଟ ୧୨,୪୭,୭୨ ହଜାର ହେବ ବୋଲି ହିସାବ କରାଯାଇଛି । ସେ ସ୍ଥଳେ ୧୯୫୪-୫୫ର ମୋଟ ରାଜସ୍ୱ ଆୟ ଟ ୧୪,୧୨,୪୨ ହେବ ବୋଲି ହିସାବ ହୋଇଛି । କେଉଁ ବାବତରୁ କେତେ ରାଜସ୍ୱ ମିଳିବ ତାହାର ହିସାବ ତଳେ ଦିଆଗଲା ।

| | ୧୯୫୩-୫୪ର ସଂଶୋଧିତ ବଜେଟ (ହଜାର ଟଙ୍କା) | ୧୯୫୪-୫୫ର ବଜେଟ (ହଜାର ଟଙ୍କା) |
|---|---|---|
| (୧) କୃଷି ଆୟକରକୁ ମିଶାଇ ଆୟକର ... ... | ୨,୧୭,୭୯ | ୨,୦୯,୯୧ |
| (୨) ଭୂରାଜସ୍ୱ, ଅବକାରୀ, ଷ୍ଟାମ୍ପ, ଜଙ୍ଗଲ, ରେଜିଷ୍ଟ୍ରେସନ୍, ମଟରଗାଡ଼ି ଉପରେ ଟିକସ ଓ ଅନ୍ୟାନ୍ୟ ଟିକସ ଓ କର ... ... | ୬,୪୩,୩୮ | ୬,୮୫,୪୨ |
| (୩) ଅନ୍ୟାନ୍ୟ ଗ୍ରାଣ୍ଟକୁ ମିଶାଇ ଭାରତ ସରକାରଙ୍କ ସବ୍‌ଭେନସନ୍ ... | ୧,୨୨,୭୫ | ୧,୪୨,୦ |
| (୪) କେନ୍ଦ୍ରୀୟ ଅବକାରୀ କରର ଓଡ଼ିଶାର ଭାଗକୁ ଛାଡ଼ି ବିଶେଷ ଆୟ ... | ୪୯,୫୨ | ୧,୦୦,୦୭ |
| (୫) ଅନ୍ୟାନ୍ୟ ବାବତରେ ... ... | ୨,୦୯,୨୨ | ୨,୬୫,୦୩ |
| | ୧୨,୪୭,୭୧ | ୧୪,୧୨,୪୨ |

## ରାଜସ୍ୱ ହିସାବରୁ ବ୍ୟୟ

୧୯୫୪-୫୫ରେ ରାଜସ୍ୱ ହିସାବରୁ ମୋଟରେ ଟ୧୪,୮୫,୮୧ ହଜାର ବ୍ୟୟ ହେବ ବୋଲି ହିସାବ କରାଯାଇଛି । ସଂଶୋଧିତ ବଜେଟରେ ଏ ବାବତରେ ଚଳିତ ବର୍ଷ ପାଇଁ ଟ୧୪,୭୦,୨୭ ହଜାର ଟଙ୍କା ଖରଚ ହେବ ବୋଲି ବ୍ୟବସ୍ଥା ହୋଇଛି । ତେଣୁ ଆସନ୍ତା ବର୍ଷ ବ୍ୟୟ ଟ ୯,୦୪ ହଜାର ବଢିଯିବ ବୋଲି ହିସାବ କରାଯାଇଛି ।

୧୯୫୩-୫୪ର ସଂଶୋଧିତ ବଜେଟ ଓ ୧୯୫୪-୫୫ର ବଜେଟ ହିସାବ ଭିତରେ ଏ ପାର୍ଥକ୍ୟ କାହିଁକି ଘଟିଲା, ତାହା ଅର୍ଥବିଭାଗ ସେକ୍ରେଟେରୀଙ୍କ 'ଏକ୍‌ସପ୍ଲାନେଟାରୀ ମେମୋରାଣ୍ଡମ୍' ନାମକ ପୁସ୍ତକରେ ବିଶେଷ ରୂପେ ବର୍ଣ୍ଣନା କରାଯାଇଛି । ସେଥିମଧ୍ୟରୁ କେତୋଟି ବିଶେଷ ବିଷୟ ପରିଶିଷ୍ଟ (କ) ରେ ବୁଝାଇ ଦିଆଯାଇଛି ।

## ଆର୍ଥିକ ପରିସ୍ଥିତି

୧୯୫୪-୫୫ରେ ରାଜସ୍ୱ ବାବତରେ ଆୟ ଟ ୧୪,୧୨,୪୨ ହଜାର ଓ ରାଜସ୍ୱ ହିସାବରେ ବ୍ୟୟ ଟ୧୪,୮୫,୮୧ ହଜାର ହେଉଥିବାରୁ ରାଜସ୍ୱ ବାବତରେ ଟ ୭୩,୩୯ ହଜାର ନିଅଣ୍ଟିଆ ପଡ଼ିବ । ବର୍ଷକୁ ବର୍ଷ ଯେଉଁ ବଳକା ବା ନିଅଣ୍ଟ ଘଟେ, ତାହାକୁ ମିଶାଇ ରାଜସ୍ୱ ହିସାବ ସ୍ଥିର କରାଯାଏ । ଏ ହିସାବରେ ଅବସ୍ଥା କଣ ହେବ, ତାହା ତଳେ ଦେଖାଇ ଦିଆଯାଉଛି :—

୧୯୫୩ ଅପ୍ରେଲ ମାସ ୧ ତାରିଖରେ ରାଜସ୍ୱ ହିସାବରେ ହାତରେ ଥିବା ନିଟ ଜମା ... ... ... ୨୩,୩୪,୦୦୦

| | |
|---|---|
| ୧୯୫୩-୫୪ ର ସଂଶୋଧିତ ବଜେଟ୍ ... ... | (—) ୨,୨୦,୨୬,୦୦୦ |
| ୧୯୫୪-୫୫ ର ବଜେଟ୍ ଅଟକଳ ... ... | (—) ୭୩,୩୯,୦୦୦ |
| ୧୯୫୫ ମାର୍ଚ୍ଚ ୩୧ ତାରିଖରେ ଆଖିର ଜମା (ଅଟକଳ) | (—) ୨,୭୦,୨୧,୦୦୦ |

କ୍ୟାପିଟାଲ ହିସାବରେ ଆୟ ଟ ୪୯,୯୪,୮୨ ଓ ବ୍ୟୟ ଟ ୪୯,୫୬,୦୯ ହେବ ବୋଲି ଅଟକଳ ହୋଇଛି । ତେଣୁ ନିଟ୍ ବଳକା ୩୮,୨୮,୦୦୦ ହେବ । ରାଜସ୍ୱ ଓ କ୍ୟାପିଟାଲ ଉଭୟ ହିସାବର କାରବାର ଫଳରେ ବର୍ଷ ଶେଷକୁ ମୋଟ ଜମା କମି ନିମ୍ନଲିଖିତମତେ ଟ ୨୧,୨୪,୦୦୦ ହେବ ।

| | |
|---|---|
| ୧୯୫୪-୫୫ ଆରମ୍ଭରେ ପ୍ରାରମ୍ଭିକ ଜମା ... | (+) ୫୫,୮୫,୦୦୦ |
| ରାଜସ୍ୱ ହିସାବରେ ନିଅଣ୍ଟ ... ... | (—) ୭୩,୩୯,୦୦୦ |
| କ୍ୟାପିଟାଲ ହିସାବରେ ଉଦ୍‌ବୃତ୍ତ ... | (+) ୩୮,୨୮,୦୦୦ |
| ୧୯୫୫ ମାର୍ଚ୍ଚ ୩୧ ତାରିଖରେ ଆଖିର ଜମା (ଅଟକଳ) | (+) ୨୧,୨୪,୦୦୦ |

**ନୂଆ ଯୋଜନାମାନଙ୍କରେ ଖର୍ଚ୍ଚ** :—୧୯୫୪-୫୫ ର ବଜେଟରେ ଯେଉଁ ନୂତନ ପରିକଳ୍ପନା ଗୁଡ଼ିକୁ ସ୍ଥାନ ଦିଆଯାଇଛି ତାହାର ବିଶେଷ ବିବରଣ ମେମ୍ବରମାନଙ୍କୁ ମିଳିଥିବା ବଜେଟର ଏକ୍ସପ୍ଲାନେଟାରୀ ମେମୋରାଣ୍ଡମର 'ବି' ପରିଶିଷ୍ଟରେ ଦିଆଯାଇଛି । ସମୁଦାୟ ନୂତନ ପରିକଳ୍ପନା ପାଇଁ ବଜେଟରେ ଟ ୩,୬୨,୮୦,୦୦୦ ବ୍ୟବସ୍ଥା କରାଯାଇଛି । ଏହା ମଧ୍ୟରୁ ପଞ୍ଚବାର୍ଷିକ ଯୋଜନା ସମ୍ପର୍କୀୟ ପରିକଳ୍ପନାମାନଙ୍କ ପାଇଁ ଟ ୯୩,୯୭,୦୦୦ ଓ ଯୋଜନାରେ ନ ଥିବା ପରିକଳ୍ପନାମାନଙ୍କ ପାଇଁ ଟ ୨,୭୩,୮୩,୦୦୦ ଖର୍ଚ୍ଚ ହେବ । ଯୋଜନାରେ ନ ଥିବା ଏହି ପରିକଳ୍ପନା ଗୁଡ଼ିକରୁ ଅଧିକାଂଶ ପୂର୍ବରୁ ଚାଲିଛି । ପଞ୍ଚବାର୍ଷିକ ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବା ନୂଆ ପୁରୁଣା ସମୁଦାୟ ପରିକଳ୍ପନା ପାଇଁ ମୋଟ ଟ ୪୭୨ ଲକ୍ଷ ୯୯ ହଜାର ୧୯୫୪-୫୫ ର ବଜେଟ ହିସାବରେ ବ୍ୟବସ୍ଥା କରାଯାଇଛି । ଏ ଖରଚ ରାଜସ୍ୱ ଓ କ୍ୟାପିଟାଲ ଉଭୟ ହିସାବରୁ ତୁଲାଇବାକୁ ହେବ । କେଉଁ ବାବଦରୁ କେତେ ଖରଚ ହେବ, ତାହା ନିମ୍ନରେ ଦିଆଗଲା ।

| | |
|---|---|
| ରାଜସ୍ୱ ହିସାବ ... | ଟ ୧୭୪ ଲକ୍ଷ ୮ ହଜାର |
| କ୍ୟାପିଟାଲ ହିସାବ ... | ଟ ୨୯୮ ଲକ୍ଷ ୯୧ ହଜାର |
| | ମୋଟ ଟ ୪୭୨ ଲକ୍ଷ ୯୯ ହଜାର |

**ଜମା**:—ମେମୋରାଣ୍ଡମର ପରିଶିଷ୍ଟରେ ରାଜସ୍ୱ ଆୟ ଓ ବ୍ୟୟର ଯେଉଁ ସାଧାରଣ ସଂକ୍ଷିପ୍ତ ପରିଚୟ ଦିଆଯାଇଛି, ତାହାର ଶେଷ ପୃଷ୍ଠାରେ ପୂର୍ବ ଜମା ଓ ଆଖିର ଜମାର ବିଶ୍ଳେଷଣ କରାଯାଇଛି । ଯେଉଁ ଟ ୨୧,୨୪,୦୦୦ ବର୍ଷ ଶେଷରେ ହାତରେ ରହିବ ବୋଲି ହିସାବ କରାଯାଇଛି, ତାହାର ବିଶେଷ ବିବରଣ ନିମ୍ନରେ ଦିଆଗଲା—

| | |
|---|---|
| (୧) କନସଲିଡେଟେଡ୍ ଫଣ୍ଡରେ ଜମା ... | (—) ୨,୩୬,୬୬,୦୦୦ |
| (୨) କଣ୍ଟିନଜେନସି ଫଣ୍ଡ ... ... | ୩୭,୦୦,୦୦୦ |
| (୩) ପବ୍ଲିକ୍ ଏକାଉଣ୍ଟ | |
| ୧ । ଇଅର୍ ମାର୍କଡ୍ ବାଲାନ୍ସ ... ... | ୧,୨୬,୭୨,୦୦୦ |
| ୨ । ଅନ୍ଇଅର ମାର୍କଡ୍ ବାଲାନ୍ସ ... ... | ୨,୨୫,୬୨,୦୦୦ |
| (୧), (୨) ଓ (୩) ମୋଟ ... | ୧,୪୦,୭୨,୦୦୦ |
| ଏଥିରୁ ଲଗାଣ ହୋଇଥିବା ଟଙ୍କା ବାଦ ଯାଇ | (—) ୧,୧୯,୪୮,୦୦୦ |
| | ଟ ୨୧,୨୪,୦୦୦ |

ଏଥିରୁ ଦେଖାଯିବ ଯେ, ସରକାରୀ ସିକ୍ୟୁରିଟିରେ ଯାହା ଲଗାଣ ହୋଇଛି, ତାକୁ ଛାଡ଼ି ବ... ...ଷରେ ନଗଦ ମୋଟ ଟ ୨୧,୨୪,୦୦୦ ହାତରେ ଜମା ରହିବ । ସିକ୍ୟୁରିଟି ଓ ଡିବେଞ୍ଚରରେ

ଟ୨,୧୯,୪୮,୦୦୧ ଲଗାଣ ହୋଇଛି ବୋଲି ହିସାବ ଦେଖାଯାଇଛି । ଏହା ମଧ୍ୟରୁ ପ୍ରାୟ ୨୪୧ ଲକ୍ଷ ପୁରୁଣା ପ୍ରଦେଶର ଜମା ଓ ଅବଶିଷ୍ଟ ଟଙ୍କା ପୂର୍ବତନ ଗଡଜାତ ଗୁଡ଼ିକର ଜମା ।

କନ୍‌ସଲିଡ଼େଟେଡ୍ ପାଣ୍ଠିର ଜମା ବିୟୋଗ ଅଙ୍କରେ ଦେଖାଯାଇଛି । ରାଜସ୍ୱ ଓ କ୍ୟାପିଟାଲ ହିସାବରେ ଜମା ମିଶି ବର୍ଷ ଶେଷରେ ବିୟୋଗ ସଂଖ୍ୟା ହେବ, ଏହାହିଁ ଏହାର ଅର୍ଥ ।

୧୦ । **ଅନିଶ୍ଚିତ ଖର୍ଚ୍ଚ ପାଣ୍ଠି**:—୧୯୫୦-୫୧ ରେ ଟ ୩୫ ଲକ୍ଷ କନ୍‌ସଲିଡ଼େଟେଡ୍ ପାଣ୍ଠିରୁ ଅନିଶ୍ଚିତ ଖର୍ଚ୍ଚ ପାଣ୍ଠିକୁ ବଦଳ କରାଯାଇଥିଲା । ଏକଥା ମାନ୍ୟବର ସଭ୍ୟମାନେ ଜାଣନ୍ତି । ବର୍ଷ ଭିତରେ ଏ ପାଣ୍ଠିର ଖର୍ଚ୍ଚ ଭରଣା ହେଉଥିବାରୁ ସେହି ବର୍ଷଠାରୁ ସବୁ ବର୍ଷ ଶେଷରେ ଏ ପାଣ୍ଠିରେ ଟ ୩୫ ଲକ୍ଷ ଜମା ରହୁଛି ।

**ଇଅର୍‌ମାର୍କଡ୍ ବାଲାନ୍ସ**:—ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଜମାଥିବା ପାଣ୍ଠିର ଟ ୧,୧୭,୭୦,୦୦୦ ଥିବାର ଦର୍ଶାଯାଇଛି । ନିମ୍ନଲିଖିତ ପାଣ୍ଠି ଗୁଡ଼ିକର ଜମା ମିଶି ଏ ମୋଟ ଜମା ହୋଇଛି:—

| | | |
|---|---|---|
| ଜଙ୍ଗଲ ଉନ୍ନୟନ ପାଣ୍ଠି ... | ... | ଟ ୭,୪୭,୦୦୦ |
| ଓଡ଼ିଶା ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠି .... | ... | ଟ ୬,୩୩,୦୦୦ |
| ଖାଦ୍ୟ ଲଭାଂଶ ପାଣ୍ଠିର ଜମା .... | ... | ଟ ୬୯,୪୮,୦୦୦ |
| ମୂଳ ପୂରଣ ପାଇଁ ହାତ ପାଣ୍ଠି—ବିଦ୍ୟୁତ ବ୍ୟବସ୍ଥା | ... | ଟ ୭,୪୭,୦୦୦ |
| ବାଣିଜ୍ୟ ଅନୁଷ୍ଠାନ ଗୁଡ଼ିକର ମୂଳ ପୂରଣ ପାଇଁ ଜମା— | | |
| ଓଡ଼ିଶା ସରକାରଙ୍କ ଟ୍ରାନ୍ସପୋର୍ଟ ସର୍ଭିସ | ... | ଟ ୪,୫୨,୦୦୦ |
| ଜମିଦାରି ଉଚ୍ଛେଦ ପାଣ୍ଠି ... | ... | ଟ ୫,୭୮,୦୦୦ |
| ମ୍ୟୁନିସିପାଲିଟି ପ୍ରଭୃତିର ଉନ୍ନୟନ କାର୍ଯ୍ୟ ପାଣ୍ଠି | ... | ଟ ୮,୨୫,୦୦୦ |
| (ଓଡ଼ିଶା) ରାଜ୍ୟ ରାସ୍ତା ପାଣ୍ଠି ... | ... | ଟ ୫୮,୮୪,୦୦୦ |
| ଷ୍ଟେଟ ଟ୍ରାନ୍ସପୋର୍ଟର ସିଙ୍କିଙ୍ଗ୍ ଫଣ୍ଡ | .... | ଟ ୨୬,୦୦,୦୦୦ |
| ବିଦ୍ୟୁତ ବ୍ୟବସ୍ଥାର " | ... | ଟ ୬୦,୦୦,୦୦୦ |

**ଜମିଦାରି ଉଚ୍ଛେଦ ପାଣ୍ଠି**:—ଜମିଦାରମାନଙ୍କଠାରୁ ଆଦାୟ ହେଉଥିବା ଖଜଣା ଏ ପାଣ୍ଠିରେ ଜମା ରଖାଯାଉଛି । ଏସବୁ ଜମିଦାରିର ପରିଚାଳନା ଖର୍ଚ୍ଚ ଏ ପାଣ୍ଠିର ଜମାରୁ କରାଯାଉଥିଲେ ମଧ୍ୟ ବ୍ୟବସ୍ଥା ସଭାର ସ୍ୱୀକୃତି ଲାଭ ପାଇଁ ତାହା ଅନ୍ୟାନ୍ୟ ଶାସନ ବିଭାଗ ତଳେ ଦେଖାଯାଇଛି । ଏ ପାଣ୍ଠିରେ ଥିବା ଜମାର ବିବରଣ ନିମ୍ନରେ ଦିଆଗଲା—

| | | |
|---|---|---|
| ୧-୪-୫୩ ରେ ପ୍ରାରମ୍ଭିକ ଜମା | ... | ଟ ୫,୪୭,୦୦୦ |
| ୧୯୫୩-୫୪ରେ ଆୟ | ... | ଟ ୫୭,୦୦,୦୦୦ |
| ୧୯୫୩-୫୪ରେ ବ୍ୟୟ | ... | ଟ ୪୯,୮୭,୦୦୦ |
| ଆଖର ଜମା | ... | ଟ ୧୨,୬୦,୦୦୦ |
| ୧୯୫୪-୫୫ରେ ଆୟ ( ଅଟକଳ ) | ... | ଟ ୫୭,୦୦,୦୦୦ |
| ୧୯୫୪-୫୫ରେ ବ୍ୟୟ | ... | ଟ ୬୩,୮୨,୦୦୦ |
| ୩୧-୩-୫୫ରେ ଆଖର ଜମା | ... | ଟ ୫,୭୮,୦୦୦ |

ଏ ପର୍ଯ୍ୟନ୍ତ ଯେଉଁ ୫୨୪୬ଟି ଜମିଦାରି ସରକାରଙ୍କ ହାତକୁ ନିଆଯାଇଛି ତାହାର ହିସାବ ତଳେ ଦିଆଗଲା:—

ଚିରସ୍ଥାୟୀ ବନ୍ଦୋବସ୍ତ ଜମିଦାରି ୩୬୨ ( କଟକରେ ବର୍ତ୍ତମାନ ରିସିଭର ନିଯୁକ୍ତ ହୋଇଛନ୍ତି । ୯ଟି ଜମିଦାରି ମଧ୍ୟ ଏ ହିସାବରେ ମିଶିଛି । )